ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 19-12-2025

ଗଜପତି(ଓଡିଶା) - :2025-12-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-12-20 | 2025-12-21 | 2025-12-22 | 2025-12-23 | 2025-12-24 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 30.0 | 30.0 | 30.0 | 30.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 13.0 | 13.0 | 13.0 | 12.0 | 12.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 82 | 83 | 86 | 84 | 84 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 37 | 37 | 37 | 37 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 3 | 2 | 3 | 2 |
| ପବନର ଦିଗ (ଡିଗ୍ରୀ) | 344 | 346 | 90 | 90 | 321 |
| ମେଘାଚ୍ଛନ (ଅକ୍ଟା) | 2 | 3 | 3 | 2 | 1 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସଫା ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୬ କିଲୋମିଟର ପ୍ରତିଘଣ୍ଟା ରହିବାର ସମ୍ଭାବନା ରହିଛି । ଦୈନିକ ହାରାହାରି ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୦.୦° ସେଲସିୟସ ଏବଂ ୧୨.୬° ସେଲସିୟସ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ହାରାହାରି ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୮୪ ଶତକଡା ଏବଂ ୩୬ ଶତକଡା ରହିପାରେ ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

କୌଣସି ସତର୍କ ସୂଚନା ନାହିଁ

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| କୌଣସି ପ୍ରଭାବ ନାହିଁ |

## ସାଧାରଣ ଉପଦେଶ:

| |
|---|
| ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୦.୩° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୧୨.୭° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୦.୦ ମିଲିମିଟର ବର୍ଷା ହୋଇଅଛି । ଭାରତ ପାଣିପାଗ ବିଭାଗର ବିସ୍ତାରିତ ଅବଧି ପୂର୍ବାନୁମାନ ଅନୁସାରେ ଆସନ୍ତା ପ୍ରଥମ ସପ୍ତାହରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଶୁଷ୍କ ପାଗ ରହିବାର ସମ୍ଭାବନା ବହୁତ ଅଧିକ ରହିଛି । ଓଡ଼ିଶାର ଉପକୂଳ ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୦-୧୬ ଡିଗ୍ରୀ ସେଲସିୟସ୍ ଏବଂ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୦୬-୧୨ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ବହୁତ ଅଧିକ ରହିଛି । ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ଏବଂ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକରେ ସ୍ୱାଭାବିକଠାରୁ ଯଥେଷ୍ଟ କମ୍ ରହିବାର ସମ୍ଭାବନା ଅଧିକ । ଆସନ୍ତା ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଶୁଷ୍କ ପାଗ ରହିବାର ସମ୍ଭାବନା ବହୁତ ଅଧିକ। ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଉପକୂଳବର୍ତ୍ତୀ ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ୧୨-୧୬° ସେଲସିୟସ୍ ଏବଂ ଓଡ଼ିଶାର ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ୦୬-୧୪° ସେଲସିୟସ୍ ମଧ୍ୟରେ ରହିବାର ସମ୍ଭାବନା ଅଧିକ ରହିଛି । ଦ୍ୱିତୀୟ ସପ୍ତାହରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକରୁ ଯଥେଷ୍ଟ କମ୍ ରହିବାର ସମ୍ଭାବନା ରହିଛି । ବର୍ତ୍ତମାନ୍ ସମୟରେ ରାତିରେ ତାପମାତ୍ରା ଅଧିକ କମ୍ ରହୁ ଥିବାରୁ ଛିଡ଼ା ହୋଇଥିବା ଫସଲରେ ଥଣ୍ଡା ର ପ୍ରଭାବ ଏବଂ ମାଟିର ତାପମାତ୍ରା ରକ୍ଷା ପାଇଁ ହାଲୁକା ଜଳସେଚନ କରନ୍ତୁ । ବରଫ ଜମିବା ରୁ ସୁରକ୍ଷା ପାଇଁ ଅପରାହ୍ନ କିମ୍ବା ସନ୍ଧ୍ୟା ସମୟରେ ଜଳସେଚନ କରନ୍ତୁ । ଫସଲରେ ଥଣ୍ଡା ଜନିତ ଚାପ ରୁ ସୁରକ୍ଷା ପାଇଁ ଶୀତ ଲହରୀ ପ୍ରବାହ ସମୟରେ ଯବକ୍ଷାରଜାନ ଯୁକ୍ତ ସାରର ପ୍ରୟୋଗ କରନ୍ତୁ ନାହିଁ । ନୂଆ କରି ପ୍ରତିରୋପଣ କରିଥିବା ପରିବା ଚାରା ଗୁଡ଼ିକୁ ରାତି ସମୟରେ ନଡ଼ା କିମ୍ବା ପଲିଥିନ ଦ୍ୱାରା ଘୋଡ଼ାଇ ଦିଅନ୍ତୁ । ଗୃହପାଳିତ ପ୍ରାଣୀ ମାନଙ୍କୁ ଉଷୁମ ପାଣି ପିଇବାକୁ ଦିଅନ୍ତୁ ଏବଂ ଗୁଡ଼, ତୈଳବୀଜ ଜାତୀୟ ପିଡ଼ିଆ, ଶସ୍ୟ ଆଦି ଭଳି ଶକ୍ତିବର୍ଦ୍ଧକ ଆହାର ଖାଇବାକୁ ଦିଅନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ସକାଳର ଥଣ୍ଡା ପବନରୁ ଗୃହ ପାଳିତ ପ୍ରାଣୀ ମାନଙ୍କୁ ସୁରକ୍ଷିତ ରଖନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗାଥାଏ ତେବେ କାଦୁଅ କିମ୍ବା ସେଲୋଟ୍ୟାପ ଦେଇ ଭଲଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନଆସେ । ଏହିପରି ୭ରୁ୧୦ ଦିନ ପର୍ଯ୍ୟନ୍ତ କୋଠରୀରେ ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |
| ତୁଳା | ତୋଳିଥିବା କପାକୁ ସିମେଣ୍ଟ ଚଟାଣ କିମ୍ବା ତାରପୋଲିନ ଉପରେ ଭଲ ଭାବରେ ଶୁଖାନ୍ତୁ ଯେପରିକି ଏହାର ଆର୍ଦ୍ରତା ୮ -୧୦% ଭିତରେ ରହିବ । ସର୍ବନିମ୍ନ ସହାୟକ ମୂଲ୍ୟ (ଦୀର୍ଘତନ୍ତୁ କପା – ୭୫୨୧ ଟଙ୍କା ପ୍ରତି କୁଇଣ୍ଟାଲ) ପାଇବା ପାଇଁ ତୋଳି ସାରିଥିବା କପାକୁ ନିକଟସ୍ଥ ମଣ୍ଡିରେ ବିକ୍ରି କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿ ನಾ್ಯಠಿ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉପୋକ ଓ ପତ୍ରଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକରପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟର ମିଳିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉପୋକ ଓ ପତ୍ରଭକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକରପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟର ମିଳିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଫୁଲକୋବି | କୋବି ଫସଲରେ ଠିକିରି ପିଠିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୬-୮ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ଲିଟର ନିମ୍ବ ଆଧାରିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ଗ୍ରାମ Emamectin Benzoate କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଧଳାମାଛିକୁ ଆକର୍ଷିତ କରିବା ପାଇଁ ଏକର ପ୍ରତି ୮ରୁ୧୦ ଟି ହଳଦିଆ ଅଠା ଯୁକ୍ତ ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକକୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳା ମାଛିର ପରିଚାଳନା ନିମନ୍ତେ ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ମିଲି Spiromesifen ନାମକ କୀଟନାଶକକୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବନ୍ଧାକୋବି | କୋବି ଫସଲରେ ବୋରନ ଅଣୁସାର ଜନିତ ଗଠନ ଗତ ସମସ୍ୟାର ପରିଚାଳନା ପାଇଁ ପ୍ରତି ୪କିଲୋଗ୍ରାମ Borax କୁ ଶେଷ ଓଡ ଚାଷ ସମୟ ରେ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟ ରେ ଜମି ରେ ପ୍ରୟୋଗ କରିନଥିଲେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ୨ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣି ରେ ୨.୫ଗ୍ରାମ ବୋରାକ୍ସ କିମ୍ବା ୧-୧.୫ଗ୍ରାମ ଫୋଲିବୋର କିମ୍ବା ସୋଲୁବୋର ମିଶାଇ ପତ୍ରସିଂଚନ କରନ୍ତୁ। |
| ଟମାଟର | ବର୍ତମାନ କମ ତାପମାତ୍ରା ରହୁଥିବାରୁ ଟମାଟୋରେ ପତ୍ର ପୋଡା ଲାଗିବାର ସମ୍ଭାବନା ଅଛି । ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ Metalaxyl + Mancozeb ୪୦୦ ଗ୍ରାମ ୨୦୦ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ବିହନ ବିଶୋଧନ କରିବା ସମୟରେ ୩ ଗ୍ରାମ Trichoderma ୧ କେଜି ଟମାଟୋ ମଞ୍ଜି ରେ ଗୋଳାଇ ବିଶୋଧନ କରନ୍ତୁ । |

**ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଇ | ଗୁହାଳଘର ଏବଂ ଏହାର ଚଟାଣକୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରଖନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରହିଲେ ଗାଈଗୋରୁ ମାନଙ୍କୁ ବିଶେଷ କରି ବାଛୁରି ମାନଙ୍କୁ ନିମୋନିଆ, ଜ୍ବର ଓ ହଇଜା ଇତ୍ୟାଦି ରୋଗ ହେବାର ସମ୍ଭାବନା ଅଛି । ଶୀତଋତୁରେ ଗୁହାଳ ଘରେ ଉତ୍ତମ ଭାବରେ ବାୟୁ ଚଳପ୍ରଚଳ କରୁଥିବା ଦରକାର । |

**ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଶୀତ ଋତୁରେ ମାଛମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖାଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ନିମନ୍ତେ ଏକ ଏକର ପୋଖରୀ ପ୍ରତି ୪୦୦ ମିଲି CIFAX କୁ ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ । ପ୍ରତିଦିନ ମାଛମାନଙ୍କୁ ତେଲ ପିଡିଆ ଖାଇବାକୁ ଦିଅନ୍ତୁ । |

**କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଶୀତ ଋତୁ ରେ କୁକୁଡା ମାନଙ୍କୁ ଅଧିକ ପରିମାଣ ର ଖାଦ୍ୟ ଓ ପାଣି ଦିଅନ୍ତୁ । ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡା ଗୃହ ରେ ୨୦୦ ୱାଟ ର ବଲବ ଲଗାନ୍ତୁ । କୁକୁଡା ମାନଙ୍କୁ ଉଚିତ ସମୟରେ ଟୀକା କରଣ କରନ୍ତୁ । |

**ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ପ୍ଲାଣ୍ଟ ପ୍ରୋଟେକ୍ସନ | ଶୀତଦିନିଆ ପନିପରିବା, କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ଲିଟର ପାଣିରେ ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ । |

**ଆବହାୱିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ |

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

| |
|---|
| କୌଣସି ପ୍ରଭାବ ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**